**ଓଡ଼ିଶା ପ୍ରଶାସନିକ ସେବା ସଙ୍ଗଠନର ସଭା**

କୋରାପୁଟ,(ଅମିତାଭ ବେହେରା)- କୋରାପୁଟସ୍ଥିତ ଡିଆରଡିଏ ସଦଭାବନା ସଭା ଗୃହରେ ଶନିବାର ଓଡିଶା ପ୍ରଶାସନିକ ସେବା ସଙ୍ଗଠନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସଭାରେ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକ ସୋମ୍ୟ ସାର୍ଥକ ମିଶ୍ର, ଉପଜିଲାପାଳ ବେଣୁଧର ଶବର, ଡେପୁଟି କଲେକ୍ଟର ଅକ୍ଷମିତା କାର୍ତ୍ତିକ, ମୋନାଲିସା ଦେବତା, ଜ୍ଞାନଜିତ ତ୍ରିପାଠୀଙ୍କ ସମେତ ଜିଲାର ସମସ୍ତ ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ। ବୈଠକରେ ସଙ୍ଗଠନର ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପ୍ରତି ଦୁଇ ମାସରେ ଥରେ ବୈଠକ କରିବା ପାଇଁ ଆଲୋଚନାକ୍ରମେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତା ଚୟନ କରଯାଇଥିଲା।

## ସଂକ୍ଷେପରେ

### ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଉପରେ ତାଲିମ

ଜୟପୁର, ୩୦।୯ (ପବନ ପାଣିଗ୍ରାହୀ)

ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ବ୍ଲକ ସଭାଗୃହରେ ଆୟୋଜିତ ଶିବିରରେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ,ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ବିଇଓ ଚନ୍ଦନ ନାୟକ, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, ତପତି ପଟ୍ଟନାୟକଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନେଇ ପଞ୍ଚାୟତ ସ୍ତରରେ ଓ ବ୍ଲକ ସ୍ତରରେ କିପରି ମୁକାବିଲା କରାଯାଇପାରିବ ସେ ନେଇ ଯୋଜନା ପ୍ରସ୍ତୁତ କରିବାକୁ ଉପସ୍ଥିତ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

### ପରିମଳ ବ୍ୟବସ୍ଥା ସମୀକ୍ଷା କଲେ ନିର୍ବାହୀ ଅଧିକାରୀ

ଜୟପୁର, ୩୦।୯ (ପବନ ପାଣିଗ୍ରାହୀ)

ଜୟପୁର ପୌର ସଭାଗୃହରେ ପରିମଳ ବ୍ୟବସ୍ଥା ଉପରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଶନିବାର ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ସ୍ୱଚ୍ଛସାଥୀ, ଜମାଦାର, ସ୍ୱଚ୍ଛସାଥୀ ସୁପରଭାଇଜର, ସାନିଟେସନ ଇନ୍ସପେକ୍ଟର ଜଗଦିଶ ରାଓ, ସାନିଟେସନ ଏକ୍ସପର୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ପାର୍ବଣ ଆସୁଥିବାରୁ ପ୍ରତ୍ୟେକ ଦିନ ଡ୍ରେନ ସଫା କରବା, ଡେଙ୍ଗୁକୁ ମୁକାବିଲା କରିବା ପାଇଁ ମଶାମରା ତେଲ ସ୍ପ୍ରେ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଘର ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ଲୋକେ ରଖୁଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ଜରିମାନା ଆଦାୟ ହେଲେ ମଧ୍ୟ ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ଆଗାମୀ ଦିନରେ ରାସ୍ତା ପାର୍ଶ୍ୱରେ ଗୃହନିର୍ମାଣ ସାମଗ୍ରୀ ଜମା କଲେ ମୋଟା ଅଙ୍କରେ ଜରିମାନା ଆଦାୟ କରିବାକୁ ନିର୍ବାହୀ ଅଧିକାରୀ ପଟ୍ଟନାୟକ ସମସ୍ତ ସ୍ୱଚ୍ଛସାଥୀ, ସୁପରଭାଇଜର ଓ ଜମାଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଘର ଗୋଟିଏ, ବିଲ୍ ଆସୁଛି ଦୁଇଟି

- ଟିପିଏସ୍‌ଓଡିଏଲ୍‌ର ଅଜବ ନୀତି
- ସ୍ତ୍ରୀ ସ୍ୱାମୀଙ୍କୁ ଅଲଗା ବିଲ୍

ନନ୍ଦପୁର, ୩୦।୯ (ଶଙ୍କର ପୂଜାରୀ)


ଆସିଥିବା ଦୁଇଟି ବିଦ୍ୟୁତ୍ ବିଲ୍‌କୁ ଗ୍ରାମବାସୀ ଦେଖାଉଛନ୍ତି।

ଟିପିଏସ୍‌ଓଡିଏଲ୍‌ର ଅଜବ ନୀତି ନନ୍ଦପୁର ଅଞ୍ଚଳରେ ଦେଖିବାକୁ ମିଳିଛି। ଘର ଓ ବିଦ୍ୟୁତ୍ ମିଟର ଗୋଟିଏ ଥିବା ବେଳେ ପରିବାରର ସ୍ୱାମୀ ସ୍ତ୍ରୀଙ୍କ ନିକଟକୁ ଅଲଗା ଅଲଗା ଦୁଇଟି ଲେଖାଏ ବିଦ୍ୟୁତ୍ ବିଲ୍ ପ୍ରଦାନ କରାଯାଉଛି। ବିଲ୍‌ରେ ସ୍ୱାମୀଙ୍କ ଅଲଗା ଓ ସ୍ତ୍ରୀଙ୍କ ଅଲଗା ବିଦ୍ୟୁତ୍ ଉପଭୋକ୍ତା ନମ୍ବର ଓ ମିଟର ନମ୍ବର ପଡ଼ିଥିବାରୁ ଏନେଇ ବିଭିନ୍ନ ସନ୍ଦେହ ପ୍ରକାଶ ପାଇଛି। ଏଭଳି ବିଲ୍ ଜଣେ କି ଦୁଇ ଜଣଙ୍କର ନୁହେଁ ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର ଗାଲଗାଣ୍ଡା ଗ୍ରାମରେ ଥିବା ୧୧୭ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଦୁଇଟି ଲେଖାଏ ବିଲ୍ ପ୍ରଦାନ କରାଯାଇଥିବା ଗ୍ରାମର ୱାର୍ଡସଭ୍ୟା ପୂର୍ଣ୍ଣିମା ଖରା ଜୟରାମ ଖରା ବଳରାମ ଖରା, ଶିବ ଗୁଞ୍ଜିଆ, ସୋମନାଥ ଖରା, ତ୍ରିନାଥ ହନ୍ତାଳ, ଭଗବାନ ବୁରୁଡ଼ି, ବଳରାମ ପୂଜାରୀ, ଲକ୍ଷ୍ମୀ ଖିଲ, ପର୍ଶୁରାମ ପାଙ୍ଗି ପ୍ରମୁଖ ଅଭିଯୋଗ କରିଛନ୍ତି।

ପାଡୁଆ ପଞ୍ଚାୟତର ୮ ନମ୍ବର ୱାର୍ଡ ଦୁର୍ଗମ ଗାଲଗାଣ୍ଡା ଗ୍ରାମରେ ୧୨୦ ପରିବାର ବସବାସ କରନ୍ତି। ସେଥିରୁ ୧୧୭ ପରିବାର ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସମସ୍ତଙ୍କ ଘରେ ମିଟର ଓ ସମସ୍ତେ ମାସିକ ବିଦ୍ୟୁତ୍ ଦେୟ ପ୍ରଦାନ କରୁଛନ୍ତି। ମାତ୍ର ଚଳିତ ମାସରେ ଆସିଥିବା ବିଦ୍ୟୁତ୍ ବିଲରେ ଏପରି ତ୍ରୁଟି ଦେଖାଦେଇଛି। ପରିବାରର ସ୍ୱାମୀ ସ୍ତ୍ରୀଙ୍କୁ ଅଲଗା ଅଲଗା କରାଯାଇ ଗୋଟିଏ ମିଟର ପିଛା ଦୁଇଟି ଲେଖାଏ ବିଲ୍ ପ୍ରଦାନ କରାଯାଇଛି। ଗ୍ରାମର ପର୍ଶୁରାମ ପାଙ୍ଗୀ ଓ ସ୍ତ୍ରୀ ମଇନା ପାଙ୍ଗୀ, ତ୍ରିନାଥ ହନ୍ତାଳ ଓ ସ୍ତ୍ରୀ ସୀତାମା ହନ୍ତାଳ, ଧନଶ୍ୟାମ ପୂଜାରୀ ଓ ସ୍ତ୍ରୀ କାଳିମା ପୂଜାରୀ, ସୋମନାଥ ଖରା ଓ ସ୍ତ୍ରୀ ବିମଳା ଖରାଙ୍କ ନାମରେ ଦୁଇଟି ଲେଖାଏ ବିଲ୍ ଆସିଛି। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସୁନାବେଡା ଟିପିଏସ୍‌ଓଡିଏଲ୍ ସହକାରୀ ଯନ୍ତ୍ରୀ ବିଶିକେଶନ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଗାନ୍ଧୀ ଜୟନ୍ତୀରେ ଗୋଡ଼ିପୁଟକୁ ନିଶାମୁକ୍ତ ଗ୍ରାମ ଘୋଷଣା

ନନ୍ଦପୁର, ୩୦।୯ (ଶଙ୍କର ପୂଜାରୀ)

ଗୋଡ଼ିପୁଟ ଗ୍ରାମକୁ ନିଶାମୁକ୍ତ ଗ୍ରାମ ଭାବେ ଘୋଷଣା କରିବାକୁ ଯାଉଛି ନନ୍ଦପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ। ଅକ୍ଟୋବର ୨ ଗାନ୍ଧିଜୀ ଓ ଶାସ୍ତ୍ରିଜୀଙ୍କ ଜୟନ୍ତୀ ଅବସରରେ ନନ୍ଦପୁର ବ୍ଲକ ବାଲଡା ପଞ୍ଚାୟତର ଗୋଡ଼ିପୁଟ ଗ୍ରାମକୁ ନିଶାମୁକ୍ତ ଗ୍ରାମ ଭାବେ ଘୋଷଣା କରାଯିବାକୁ ଇତିମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗ୍ରାମବାସୀ ସଂସଦର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୯୮ ପ୍ରତିଶତ ଲୋକ ନିଶା ସେବନ କରୁ ନ ଥିବାରୁ ଗ୍ରାମର ପ୍ରବେଶ ପଥରେ ନିଶାକୁ ନା ସୂଚନା ଫଳକ ସ୍ଥାପନ କରାଯିବ ବୋଲି ବ୍ଲକ ଅଞ୍ଚଳରେ ଭାଷା ସାହିତ୍ୟର ସୁରକ୍ଷା ଓ ନିଶା ନିବାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସଦର ସମ୍ପାଦକ ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂସଦ ସଭାପତି ରାଜେନ୍ଦ୍ର ପାଢ଼ୀ, ପ୍ରଫେସର କାମାକ୍ଷା ପ୍ରସାଦ ମାଝି, ଜି ୨୦ ସମ୍ମିଳନୀରେ ଯୋଗଦେଇଥିବା ରାଜ୍ୟ ମିଲେଟ ବ୍ରାଣ୍ଡ ଆମ୍ବାସାଡର ରାଇମତି ଘେଉରିଆ, ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ସଂସଦ କାର୍ଯ୍ୟକାରୀ ସଭାପତି ଟୁନେସ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ସଂସଦ ତରଫରୁ ଗତ ୩ବର୍ଷରେ ୩ଟି ଗ୍ରାମ ନନ୍ଦପୁର ବ୍ଲକର ଡାବାସପୁଟ, ମାଳିଭୀମଡଲ ଓ ଲମତାପୁଟ ବ୍ଲକର ବନମାଳିପୁଟ ଗ୍ରାମକୁ ନିଶାମୁକ୍ତ ଗ୍ରାମ ରୂପେ ଘୋଷଣା କରାଯାଇ 'ନିଶାକୁ ନା' ଫଳକ ସ୍ଥାପନ କରାଯାଇଛି। ବର୍ତ୍ତମାନ ନିଶାମୁକ୍ତ ଗ୍ରାମଗୁଡ଼ିକରେ ଶାନ୍ତି, ମୈତ୍ରୀ ଓ ଭାଇଚାରା ଭାବ ସ୍ଥାପନ ହୋଇପାରିଥିବା ଗ୍ରାମବାସୀଙ୍କ ସହ ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି କହିଛନ୍ତି।



ନିଶାମୁକ୍ତ ଘୋଷଣା ହେବାକୁ ଥିବା ଗ୍ରାମ ସମ୍ପର୍କରେ ସୂଚନା।

# ମାଇକ୍ରୋବାୟୋଲୋଜିଷ୍ଟସ୍ ଓଡ଼ିଶା ଚାପ୍ଟର ବାର୍ଷିକ ସମ୍ମିଳନୀ


ଅତିଥିମାନେ ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

କୋରାପୁଟ, ୩୦।୯ (ଅମିତାଭ ବେହେରା)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ଅଡିଟୋରିୟମରେ ଶନିବାର ମେଡିକାଲ ମାଇକ୍ରୋବାୟୋଲୋଜିଷ୍ଟସ ଓଡିଶା ଚାପ୍ଟରର ୧୪ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡିନ ଏବଂ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସଦାନନ୍ଦ ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଉଦଘାଟନ କରି ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ଚଣ୍ଡିଗଡ ପିଜିଆଇଏମଇଆର ଭାଇରୋଲଜି ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ରାଧାକାନ୍ତ ରଥ ଯୋଗଦେଇ ଜଳବାହିତ ଭାଇରାଲ ହେପାଟାଇଟିସର ସାମ୍ପ୍ରତିକ ଆହ୍ୱାନ ଶୀର୍ଷକ ବିଷୟ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ରୂପେ କଟକ ଏସସିବି ମେଡିକାଲ କଲେଜର ଆସୋସିଏଟ ପ୍ରଫେସର ଡାକ୍ତର ଭବାନୀ ପଟ୍ଟନାୟକ ଯୋଗଦେଇ କୋଭିଡ ସମୟରେ ମାଇକ୍ରୋବାଇଲୋଜିଷ୍ଟମାନେ ଦିନ ରାତି ରକ୍ତନମୁନା ପରୀକ୍ଷା କରୁଥିଲେ। ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ଓଡିଶା ଚାପ୍ଟରର ସଭାପତି ଡାକ୍ତର ଗୀତାଞ୍ଜଳି ଷଡଙ୍ଗୀ, ସମ୍ପାଦକ ଡାକ୍ତର ସୁନିତା ସାହୁ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓଡିଶା ଚାପ୍ଟରର ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରିଥିଲେ। ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ ସାହୁ ସମ୍ମିଳନୀ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜରୁ ଆସିଥିବା କୃତି ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା।

### ସ୍ୱଚ୍ଛତା ହିଁ ସେବା ଅଭିଯାନ

ଜୟପୁର, ୩୦।୯ (ପବନ ପାଣିଗ୍ରାହୀ)

ସ୍ୱଚ୍ଛତା ହିଁ ସେବା ଅଭିଯାନ ମାଧ୍ୟମରେ ଆବର୍ଜନାମୁକ୍ତ ଭାରତ ଗଠନ ନେଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସଚେତନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟପୁର ବ୍ଲକ ବାରିଣିପୁଟ ଯୋଜନା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ ସହ ପରିବେଶ ସଫେଇ କରାଯାଇଥିଲା। ବିଡିଓ ରାଜୀବ ଦାସ, ଜିପିଓ ପ୍ରଶାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, କନିଷ୍ଠ ଯନ୍ତ୍ରୀ ବାବୁରାମ ନାୟକ, ପିଇଓ ଶ୍ରୀନିବାସ ପଟ୍ଟନାୟକ ସହ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ବିଶ୍ୱ ହୃଦ୍‌ଘାତ ଦିବସ ପାଳିତ

ଜୟପୁର, ୩୦।୯ (ପବନ ପାଣିଗ୍ରାହୀ)

ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରଠାରେ ଜୁନିୟର ରେଡ୍‌କ୍ରସ୍ ଶାଖା ପକ୍ଷରୁ ବିଶ୍ୱ ହୃଦ୍‌ଘାତ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଏହି ଦିବସ ପାଳନର ଉଦ୍ଦେଶ୍ୟ, ହୃଦ୍‌ଘାତର କାରଣ ଓ ଏହାର ପ୍ରାଥମିକ ଉପଚାର ସମ୍ପର୍କରେ ବୁଝାଇଥିଲେ। ମଣିଷ ଶରୀରର ହୃଦୟ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ସୁସ୍ଥ ରହିଲେ ବ୍ୟକ୍ତି ସୁସ୍ଥ ରହେ। ଏହାର ଯତ୍ନ ନେବାକୁ ପ୍ରଧାନ ଶିକ୍ଷକ ମେହେର ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# କୋରାପୁଟ ଜିଲା ବ୍ରାହ୍ମଣ ସମାଜ ସମନ୍ୱୟ ବୈଠକ


ବୈଠକରେ ଉପସ୍ଥିତ ଅତିଥି।

ଦାମନଯୋଡି,୩୦।୯ (ରାଧାକାନ୍ତ ବ୍ରହ୍ମା)

ନାଲ୍‌କୋ ଶିଳ୍ପାଞ୍ଚଳ ସେକ୍ଟର–୩ ଠାରେ ଥିବା ମାଉସୀ ମା ମନ୍ଦିର ପରିସରରେ ଅବିଭକ୍ତ କୋରାପୁଟ ଜିଲା ବ୍ରାହ୍ମଣ ସମାଜର ସମନ୍ୱୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁରର ନରସିଂହ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ସୁଶୀଳ ପାଢ଼ୀ, ସମୂହ ମହାପ୍ରବନ୍ଧକ ଅମରେନ୍ଦ୍ର ମିଶ୍ର, ନାଲ୍‌କୋ ଅର୍ଥ ବିଭାଗ ଜିଜିଏମ୍ ହିମାଂଶୁ ଶେଖର ପଣ୍ଡା, ଦାମନଯୋଡ଼ି ସଭାପତି ମଧୁସୂଦନ ପଣ୍ଡା, ନବରଙ୍ଗପୁର ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ମାଲକାନାଗିରି ସଭାପତି ପ୍ରଫୁଲ୍ଲ ପଣ୍ଡା, ରାୟଗଡ଼ା ସଙ୍ଗଠନ ସମ୍ପାଦକ ରାଜକିଶୋର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣକରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ନାରାୟଣ ସାହୁ, ବିଶ୍ୱମ୍ଭର ଶତପଥୀ, ଗୋପାଳ ସାମନ୍ତରାୟ ବେଦପାଠ କରିଥିଲେ। ୪ଟି ଜିଲାରୁ ପ୍ରାୟ ୨୫୦ ବ୍ରାହ୍ମଣ ଯୋଗଦେଇ ନିଜ ମତ ରଖିଥିଲେ। ସନାତନ ଧର୍ମକୁ ବିରୋଧ କରିଥିବା ତାମିଲନାଡୁ ମନ୍ତ୍ରୀ ଷ୍ଟାଲିନ୍‌ଙ୍କ ମନ୍ତବ୍ୟକୁ ବୈଠକରେ ନିନ୍ଦା କରାଯାଇଥିଲା। ଡ. ରାଜେନ୍ଦ୍ର ପଣ୍ଡା, ଡ. ଜଳେନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଖବରଦାତା ବିନୋଦ ମହାପାତ୍ର, ମୃତ୍ୟୁଞ୍ଜୟ ଦାଶ, ସୀମାଞ୍ଚଳ ପଣ୍ଡା, ରାଧାନାଥ ଭଞ୍ଜ, ନବକୃଷ୍ଣ ରଥ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନକୁଳ ଚନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।

**୩ ବିଦ୍ୟାଳୟରେ ସୁରଭି**

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଜୟପୁର/କୋରାପୁଟ,୩୦।୯ (ପବନ ପାଣିଗ୍ରାହୀ/ଅମିତାଭ ବେହେରା)


ଜୟପୁରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କ୍ଲଷ୍ଟରସ୍ତରୀୟ ସୁରଭି ମହୋତ୍ସବ–୨୦୨୩ ଫାମ୍ପୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫମ୍ପୁଣି କ୍ଲଷ୍ଟରର ୧୮ଟି ବିଦ୍ୟାଳୟର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କୁଇଜ, ବିତର୍କ, ସୃଜନଶୀଳ ଲିଖନ, ଚିତ୍ରକଳା, ସଙ୍ଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ ନାୟକ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତ ଗଣେଶ ମଣ୍ଡଳ ଓ ସମ୍ପାଦକ ନିରଞ୍ଜନ ପାତ୍ର,ପ୍ରତାପ ପଣ୍ଡା, ସଂଯୋଜକ ସତ୍ୟନାରାୟଣ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀ, ଜୟପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଦେବୀପ୍ରସାଦ ଦାସ, ସୁରେନ୍ଦ୍ର ମହାପାତ୍ର, ରଞ୍ଜିତ ମହାନ୍ତି ଉପସ୍ଥିତ ଥିଲେ। ଶିକ୍ଷକ ଅଜିତ ଶତପଥୀ, ହରିହର ପଟ୍ଟନାୟକ,ପଦ୍ମଚରଣ ଚୌଧୁରୀ, ସୁସ୍ମିତା ପାଢ଼ୀ, ଶୁଚିସ୍ମିତା ମହାନ୍ତି, ମନୋରଞ୍ଜନ ପଲାଇ, ଅଭିପ୍ସା ପାତ୍ର, ନିତୁପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଫାମ୍ପୁଣି ଉଚ୍ଚ ବିଦ୍ୟାଳୟ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ସୃଜନଶୀଳ ଲିଖନରେ ଘିଉରି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଇଜ ପ୍ରତିଯୋଗିତାରେ ଫାମ୍ପୁଣି ଆଶ୍ରମ ବିଦ୍ୟାଳୟ ଏବଂ ଦଳଗତ ନୃତ୍ୟରେ ଘିଉରି ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରୀ ଦର୍ଶକଙ୍କ ମନଜିଣି ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉନ୍ନୀତ ହୋଇଛନ୍ତି।

ସେହିପରି କୋରାପୁଟ ବ୍ଲକ ଅନ୍ତର୍ଗତ କୋଲାବନଗର ଥାନା କୋଲନୀ ବିଦ୍ୟାଳୟରେ ୧୦ଟି ବିଦ୍ୟାଳୟର ୧୨୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସବ ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ରଚନା, ଚିତ୍ରାଙ୍କନ, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଚିତ୍ରକଳା, ଶିଳ୍ପ କଳା ପ୍ରତିଯୋଗିତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ୱେତାଲିନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଡି.କଳ୍ପନା ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ସୂର୍ଯ୍ୟକାନ୍ତ ବେହେରା ସୁଜିତ ଜେନା, ଅଭିମନ୍ୟୁ ସ୍ୱାଇଁ, ଅଜୟ ମଲ୍ଲିକ ପରିଚାଳନା କରିଥିଲେ।

କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ରେଲିଗୁମ୍ମା କ୍ଲଷ୍ଟରସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟ୍ ପ୍ରତିଯୋଗିତା ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟଅତିଥି ପ୍ରଧାନ ଶିକ୍ଷକ ରାଜେଶ ସାମର୍ଥ ଓ ଏବିଇଓ ଜସନ ବେନ୍ୟା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି ମୁଖ୍ୟ ଅତିଥି, ନନ୍ଦପୁର ବିଇଓ ଭବାନୀ ପଟ୍ଟନାୟକ ଓ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବର୍ଗଡ଼ି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ଦଶମନ୍ତପୁରରେ ସୁରଭି କାର୍ଯ୍ୟକ୍ରମ

ଦଶମନ୍ତପୁର,୩୦।୯ (ଅରବିନ୍ଦ ନାୟକ)


କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଚାଉଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶନିବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବରଗଛ କ୍ଲଷ୍ଟର ସିଆର୍‌ସିସି ଅମିତ ତୁରୁକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷ୍ୟା ଅଧିକାରୀ ଦୟାସିନ୍ଧୁ ବାଘ ଯୋଗଦେଇ ଉଦ୍‌ଘାଟନ ଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଆଞ୍ଚଳିକ ସମ୍ପାଦକ ଗୋପାଳ ମିଶ୍ର, ପ୍ରଧାନ ଶିକ୍ଷକ ପିଲିମନ ମହାନନ୍ଦିଆ, କୃଷ୍ଣଚନ୍ଦ୍ର ବାଘ, କୃଷ୍ଣ ମହାରଣା, ମନୋଜ ସୁନା, ରତିକାନ୍ତ ପାଣିଗ୍ରାହୀ, ଅକ୍ଷୟ ପଣ୍ଡା, ବେଣୁଧର ଜାନି, ଦୁଷ୍ମନ୍ତ ପଟ୍ଟନାୟକ ଉପସ୍ଥତ ଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚଗୀତ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୀଲ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ନେଇ ସହଯୋଗ ଲୋଡିଲା ପୋଲିସ

କୋରାପୁଟ, ୩୦।୯ (ଅମିତାଭ ବେହେରା)

କୋରାପୁଟସ୍ଥିତ ମିଶନ କମ୍ପାଉଣ୍ଡଠାରେ ଟାଉନ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନାଗରିକମାନଙ୍କ ସହଯୋଗ ଲୋଡିଛି। ସମସ୍ତଙ୍କ ମିଳିତ ସହଯୋଗରେ ଶାନ୍ତିଶୃଙ୍ଖଳା ରକ୍ଷା ହୋଇପାରିବ ବୋଲି ପୋଲିସ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। ଏସଡିପିଓ ଶ୍ରାବଣୀ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଏସଆଇ ସୁଲୋଚନା ପ୍ରଧାନ, ଏସଆଇ ଅନିତା ନାୟକ, ଏଏସ୍‌ଆଇ ହୃଦୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିବା ବରିଷ୍ଠ ନାଗରିକ, ମହିଳା, ପୁରୁଷ, ସ୍ଥାନୀୟ କାଉନସିଲର ଓ ବୁଦ୍ଧିଜୀବୀଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସହରରେ ବରିଷ୍ଠ ନାଗରିକମାନଙ୍କ ସୁବିଧା, ରାସ୍ତା ସମସ୍ୟା ସହ ବିଷୟରେ ଆଲୋଚନା ହୋଇଥିଲା। ସେହିପରି ସ୍ଥାନୀୟ ରେଲୱେ କଲୋନୀ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଜୋରଦାର କରିବା ଏବଂ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଛକ ଅଞ୍ଚଳରେ ସିସିଟିଭି ଲଗାଇବା ଲାଗି ବରିଷ୍ଠ ନାଗରିକମାନେ ଦାବି କରିଥିଲେ।


କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ମୁର୍କାର ପଞ୍ଚାୟତର ଟାମକିଆଗୁଡ଼ା ଗ୍ରାମରେ ଶନିବାର ଦେଶୀ ମଦ ବିକ୍ରିକୁ ବିରୋଧ କରି ଏସ୍‌ଏଚଜି ସଦସ୍ୟାମାନେ ମଦଭାଟି ଭାଙ୍ଗୁଛନ୍ତି।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ ଦକ୍ଷତା ରହିଛି

**ଜିଲାସ୍ତରୀୟ ଖୋଖୋ, କବାଡ଼ି ସହ ଫୁଟ୍‌ବଲ ପ୍ରତିଯୋଗିତା**

ସୁନାବେଡ଼ା,୩୦।୯ (କୃତ୍ତିବାସ ପ୍ରଧାନ)



ଅତିଥିମାନେ ଫୁଟବଲ ଖେଳକୁ ଉଦ୍‌ଘାଟନ କରୁଛନ୍ତି।

ସୁନାବେଡ଼ା ହାଲ୍ ଷ୍ଟାଡିୟମ ଖେଳ ପଡ଼ିଆଠାରେ ଶନିବାର ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାଲ୍ ଏଇଏସ୍ ଦ୍ୱାରା ପରିଚାଳିତ ଏଡିଏଭି ହାଇସ୍କୁଲ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ହାଲ୍ ଇଞ୍ଜିନ ଡିଭିଜନ ମହାପ୍ରବନ୍ଧକ ଶିଶିର ପାତ୍ର ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ ସ୍ଥାନୀୟ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି ଏହାଦ୍ୱାରା ଜିଲାରେ ଥିବା ଶିକ୍ଷାନୁଷ୍ଠାନଗୁଡିକର ଛାତ୍ରୀଛାତ୍ରଙ୍କ ଖେଳ ପ୍ରତି ଆଗ୍ରହ ବଢିବ। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସେମାନଙ୍କୁ ପ୍ରୋତ୍ସାହନ ଦେଲେ ଆଗାମୀ ଦିନରେ ରାଜ୍ୟ ,ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ଦକ୍ଷତା ରଖିଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି କହିଥିଲେ। ସେମିଳିଗୁଡ଼ା ବ୍ଲକଶିକ୍ଷାଧିକାରୀ ଚମେଲି ମଜୁମଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏଇଏସ୍‌ର ସାଧାରଣ ସମ୍ପାଦକ ଦୁଦୀପ୍ତ ଚାଟାର୍ଜୀ, ଏବିଇଓ ସୁଜାତା ପାତ୍ର ଓ କ୍ରୀଡ଼ା ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ପ୍ରଦୀପ ମିଶ୍ର ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ପିଲାଙ୍କ କ୍ରୀଡ଼ା ପ୍ରତି ଆଗ୍ରହ ବଢିବା ଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୋଖୋ, କବାଡି ଓ ଫୁଟ୍‌ବଲ ପ୍ରତିଯୋଗିତା ହୋଇଥିଲା। ଜିଲାର ୧୪ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ରାଜ୍ୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗନେବେ। କ୍ରୀଡ଼ା ଶିକ୍ଷକ ସନ୍ଦୀପ ପଟ୍ଟନାୟକ, ରଘୁନାଥ ବେହେରା, ଅନୀଲ ପତି, ପ୍ରସନ୍ନ ପାଣିଗ୍ରାହୀ , ଡିପିଇଓ ଭୀମ ବେହେରାଙ୍କ ସମେତ ଅନ୍ୟମାନେ କ୍ରୀଡ଼ା ପରିଚାଳନା କରିଥିଲେ। ନିଧି ତ୍ରିପାଠୀ ଓ ସାହେଦା ପରବିନ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ଗିରିଜନ କଲ୍ୟାଣ ମଞ୍ଚ ଗଠିତ

ଦଶମନ୍ତପୁର,(ଅରବିନ୍ଦ ନାୟକ)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଶନିବାର ଏକ ବ୍ଲକସ୍ତରୀୟ ସଙ୍ଗଠନ ଗଠିତ ହୋଇଛି। ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକେ ଏକାଠି ହୋଇ ଗିରିଜନ କଲ୍ୟାଣ ମଞ୍ଚ ନାମରେ ଏହି ସଙ୍ଗଠନ ଗଢିଛନ୍ତି। ଗରିବ, ଅସହାୟ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଚିହ୍ନଟ କରି ସେମାନଙ୍କ ଅଧିକାର ପାଇଁ ଲଢ଼େଇ କରିବା ମଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ମଞ୍ଚର ପରିଚାଳନା ଲାଗି ସମାଜିକକର୍ମୀ ବିପିନ୍ ବିହାରୀ ହିଆଲଙ୍କୁ ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ଉପସଭାପତି ରୂପେ ପ୍ରତାପ ଚନ୍ଦ୍ର ଖୋସଲା, ସୁନାମ କନ୍ଧପାନ, ଦୁର୍ଜନ କୁଳଦୀପ, କାର୍ଯ୍ୟକାରିଣୀ ସଭାପତ ହାବିଲ ଡଙ୍ଗ୍ରି, ଯୁଗ୍ମ ସମ୍ପାଦକ ପ୍ରଦୀପ ଖୋସଲା, ଜୁଲିୟସ୍ ଖରା ରହିଛନ୍ତି।



**ସଂକ୍ଷେପରେ**

## ଗଞ୍ଜେଇ ଜବତ କଲା ମାଥିଲି ପୋଲିସ




ମାଲକାନଗିରି, ୩୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ସୂଚନା ମୁତାବକ ଶୁକ୍ରବାର ମାଥିଲି ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ମାଥିଲି ଥାନା ଅଞ୍ଚଳ ବାହାଦୁରଗୁଡା ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ ନିମନ୍ତେ କିଛି ଗଞ୍ଜେଇ ବସ୍ତା ରଖାଯାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସଙ୍ଗେ ସଙ୍ଗେ ପୋଲିସ ଦଳ ଉକ୍ତ ଅଞ୍ଚଳରେ ଚଢାଉ କରିବା ପରେ ଜଙ୍ଗଲରେ ୧୩ ଟି ଜରି ବସ୍ତା ଥିବା ଦେଖିବାକୁ ପାଇଥିଲା। ଉକ୍ତ ଜରି ବସ୍ତାରେ ଗଞ୍ଜେଇ ଥିବା ଜାଣି ଏହାକୁ ଜବତ କରିଥିଲା। ଏହି ୧୩ ଗୋଟି ବସ୍ତାରୁ ମୋଟ ୩୫୩ କେଜି ୧୦୦ ଗ୍ରାମ ଗଞ୍ଜେଇ ଥିବା ବେଳେ ଘଟଣାସ୍ଥଳରେ କେହି ଚୋରା ଚାଲାଣକାରୀ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ । ଏ ସମ୍ବନ୍ଧରେ ମାଥିଲି ଥାନାରେ ନଂ. ୨୦୬/୨୩ ରେ ଏକ ମାମଲା ରୁଜୁ କରାଯାଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ



ମାଲକାନଗିରି, ୩୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମାଥିଲି ପୋଲିସ ଦ୍ୱାରା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ଏଥିରେ ୫ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ରାତିରେ ମାଥିଲି ଗ୍ରାମ ନିକଟ ଏକ ଜଙ୍ଗଲରେ ଜୁଆ ଖେଳ ଚାଲିଥିବା ବିଶେଷ ସୂତ୍ରରୁ ଖବର ପାଇ ମାଥିଲି ପୋଲିସର ଏକ ଦଳ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ୫ ଜଣଙ୍କ ସହ ୭ ବାଇକ୍, ୩ ମୋବାଇଲ୍ ଫୋନ୍, ନଗଦ ୧୨ ହଜାର ଟଙ୍କା ଜବତ କରାଯାଇଛି। ଏ ସମ୍ବନ୍ଧରେ ମାଥିଲି ଥାନାରେ ନଂ. ୨୦୭/୨୩ରେ ମାମଲା ରୁଜୁକରି ଏହାର ଅନୁସନ୍ଧାନ ଜାରି ରହିଥିବା ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

# ଲକ୍ଷ୍ମୀ ଯୋଜନାକୁ ଘରୋଇ ବସ୍ ମାଲିକ ସଂଘର ସର୍ବମୂଳକ ସମର୍ଥନ

ମାଲକାନଗିରି,୩୦।୯(ଦୁର୍ଯ୍ୟୋଧନ ପାତ୍ର)

ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ଯୋଜନାରେ ମାଲକାନଗିରି ଜିଲାକୁ ୩୬ଟି ବସ୍ ଯୋଗାଇ ଦିଆଯାଇଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ ମାଲକାନଗିରି ଜିଲାରେ କରିବା କାର୍ଯ୍ୟକ୍ରମ ରହିଛି। ତେବେ ମାଲକାନଗିରି ଜିଲାରେ ମୋଟ ୩୬ ସରକାରୀ ବସ୍ ଚଳାଚଳ ହେବାକୁ ଥିବା ବେଳେ ଏହାଦ୍ୱାରା ଘରୋଇ ବସ୍‌ଗୁଡିକ ଅସୁବିଧାରେ ପଡିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଆସନ୍ତା ୨ ତାରିଖରେ ଘରୋଇ ବସ୍ ମାଲିକ ସଂଘ ତରଫରୁ ବନ୍ଦ ଡାକରା ଦିଆଯାଇଛି। ଏ ସମ୍ପର୍କରେ ମାଲକାନଗିରି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ଜିଲା ଘରୋଇ ବସ୍ ମାଲିକ ସଂଘକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ପତ୍ତି ନିଆଯାଇଛି ଯେ, ମାଲକାନଗିରି ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ଲକ୍ଷ୍ମୀ ଯୋଜନାକୁ ସର୍ବମୂଳକ ସମର୍ଥନ କରିଛନ୍ତି। ଏଥିସହ ୧ ମାସ ଯାଏ ଲକ୍ଷ୍ମୀ ବସ୍‌କୁ ବିରୋଧ କରିବେ ନାହିଁ। ୧ ମାସ ପରେ ଆବଶ୍ୟକ ସ୍ଥଳେ ରୁଟ୍ ସମୟରେ ପରିବର୍ତ୍ତନ ହେବ ବୋଲି ଆର୍‌ଟିଓଙ୍କ ସହ ଆପୋସ ବୁଝାମଣା ହୋଇଥିଲା। ତେବେ ଅକ୍ଟୋବର ୨ ବନ୍ଦ ଡାକରା ପ୍ରତ୍ୟାହାର ନେଇ ଏ ଯାଏ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

# ବାଲିମେଳା ଏନ୍‌ଏସି ପାରିଷଦ ବୈଠକ


ବୈଠକରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

ବାଲିମେଳା,୩୦।୯(ଶିବଦତ୍ତ ସାହୁ)

ବାଲିମେଳା ଏନ୍‌ଏସି କାର୍ଯ୍ୟାଳୟରେ ଶନିବାର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପରିଷଦର ସମସ୍ତ କାଉନସିଲରଙ୍କୁ ନେଇ ୧୬ତମ କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଯୋଗ ଦେଇଥିଲେ। ନଗର ଅଧ୍ୟକ୍ଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଦିନରେ ସହରରେ ହେବାକୁ ଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଆର୍‌ଡି ଏବଂ ଆର୍ ଆଣ୍ଡ ବି ବିଭାଗକୁ କେତେକ ଉନ୍ନୟନ କାର୍ଯ୍ୟ ହସ୍ତାନ୍ତର ନେଇ ଟେଣ୍ଡର ଆହ୍ୱାନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଗରିବ ଶ୍ରେଣୀର ବ୍ୟବସାୟୀ ତଥା ଛୋଟ ଟିଣ କ୍ୟାବିନ ପକାଇ ବେପାର କରୁଥିବା ଉଠା ଦୋକାନୀ ଷ୍ଟଲ ଟେଣ୍ଡରରେ ଅଂଶଗ୍ରହଣ କରିପାରୁ ନ ଥିବାରୁ ସେମାନେ କ୍ଷୁଦ୍ର ବ୍ୟବସାୟରୁ ବଞ୍ଚିତ ହେଉଛନ୍ତି। ତେଣୁ ଏନେଇ ଗ୍ରୀନ୍ କ୍ୟାବିନ ତଥା ନୂତନ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ଉକ୍ତ ବ୍ୟବସାୟୀମାନଙ୍କୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ନଗରର ବୃହତ ଡ୍ରେନ୍‌ଗୁଡିକର ପୁନରୁଦ୍ଧାର କରାଯିବା ନେଇ ଆଲୋଚନା ହୋଇଥିଲା। ସହରରେ ଆଲୋକୀକରଣ ବ୍ୟବସ୍ଥା ଆଜିକୁ ୭ ବର୍ଷ ତଳେ ହୋଇଥିଲା। ତେଣୁ ବର୍ତ୍ତମାନ ପ୍ରାୟ ଲାଇଟଗୁଡିକ ଜଳୁ ନ ଥିବାରୁ ଏନେଇ ଜିଲାପାଳଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି ଆଲୋଚନା ହୋଇଥିଲା। ତେବେ ଶାନ୍ତିଶୃଙ୍ଖଳାରେ ବୈଠକ ଶେଷ ହୋଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ଏଭଳି ବୈଠକରେ ଅଂଶଗ୍ରହଣ କରି ଆନନ୍ଦିତ ହୋଇଥିଲେ। ବିଧାୟକ କହିଥିଲେ, ସମସ୍ତ ପୌର ପରିଷଦରେ ଏପରି ସମସ୍ତ କାଉନ୍‌ସିଲର ରହିବା ଦରକାର। ଏଭଳି ରହିବା ଦ୍ୱାରା ହିଁ ସମସ୍ତଙ୍କ ସମ୍ମତିରେ ବାଲିମେଳା ସହରର ବିକାଶ ହୋଇପାରିବ ବୋଲି ବିଧାୟକ କହିଥିଲେ। ଆଜିର ଏହି ବୈଠକରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ଉପାଧ୍ୟକ୍ଷା ରଶ୍ମିତା ବାକାଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।

## ୩୫ଖଣ୍ଡ ଶିଶୁପଟା ଜବତ, ୨ ଗିରଫ

ବାଲିମେଳା, ୩୦।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ପିକଅପ୍‌ରେ ଚୋରା କାଠ ପଟା ଚାଲାଣ ବେଳେ ଗାଡି ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଆନ୍ଧ୍ରପ୍ରଦେଶ ସେଲୁରୁ ଅଞ୍ଚଳର ଭାସ୍କର ରାଓ କୋରା(୪୨)ମହାଦେବ ଗୋଲାରୀ(୩୫)। ଗାଡ଼ିରେ ଥିବା ୩୫ଖଣ୍ଡ ଶିଶୁ କାଠ ପଟା ଜବତ ହୋଇଛି। ଶନିବାର ବାଲିମେଳା-ଜୟପୁର ରାସ୍ତା ଚିତ୍ରକୋଣ୍ଡା ଛକ ନିକଟରେ ଓର୍କେଲ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ ସମୟରେ କୁଡୁମୁଲୁଗୁମ୍ମା ପଟୁ ଏକ ପିକ୍‌ଅପ୍ ଦ୍ରୁତ ଗତିରେ ଆସିବା ସମୟରେ ପୋଲିସ ହାତୁଡ଼ରେ ପଡିଥିଲା। ଯାଞ୍ଚ ସମୟରେ ସେଥିରେ କାଠ ପଟା ଥିବା ଦେଖିବାକୁ ମିଳିଥିଲା। କାଗଜପତ୍ର ମାଗିବାରୁ ସେମାନେ ଦେଖାଇ ପାରି ନ ଥିଲେ । ତେଣୁ କାଠ ପଟା, ଗାଡି ଜବତ କରିବା ସହ ଚୋରା ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ



ଗିରଫ କରି ଥାନାକୁ ଆଣିଥିଲେ। ପ୍ରାଥମିକ ତଦନ୍ତରୁ ଜଣାପଡିଛି, କୁଡୁମୁଲୁଗୁମ୍ମା ଅଞ୍ଚଳରୁ ଉକ୍ତ ପଟା ଆନ୍ଧ୍ରପ୍ରଦେଶର ସେଲୁରୁକୁ ଚୋରା ଚାଲାଣ ହେଉଥିଲା। ଜବତ କାଠର ଅନୁମାନିକ ମୂଲ୍ୟ ୧ ଲକ୍ଷ ୫୦ହଜାର ହେବ। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଓର୍କେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

## ମୋ ଗାଁ ଅପରାଧ ମୁକ୍ତ କାର୍ଯ୍ୟକ୍ରମ

ମାଥିଲି, ୩୦।୯(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଡ଼କାପଦର ଗାଁରେ ମାଥିଲି ପୋଲିସ ପକ୍ଷରୁ ମୋ ଗାଁ ଅପରାଧମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଦେବବ୍ରତ ମଲ୍ଲିକ ସଭାପତିତ୍ୱ କରି ଲୋକେ କିପରି ଆପରାଧିକ କାର୍ଯ୍ୟରୁ ଦୂରେଇ ରହି ଶାନ୍ତିଶୃଙ୍ଖଳା ବଜାଇ ରଖିବେ, ମୋ ଗାଁ ଅପରାଧମୁକ୍ତ ହେବ ତା'ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଏଥିରେ ମୁଖ୍ୟ ଅତିଥି ଏସ୍‌ଡିପିଓ ସଚିନ ପଟେଲ, ସମ୍ମାନିତ ଅତିଥି ଖଇରପୁଟ ତହସିଲଦାର ଓ କୃଷି ଅଧିକାରୀ ଯୋଗ ଦେଇଥିଲେ । ଥାନା ଅଧିକାରୀ ମଲ୍ଲିକ କହିଥିଲେ, ଆଜିର ଡିଜିଟାଲ ଯୁଗରେ ସାଇବର ଠକେଇର ଶିକାର ହେଉଛନ୍ତି ଲୋକେ। ଏହାର କାରଣ ସଚେତନତା ଅଭାବ, ଲୋକେ ସଚେତନ ନ ହେଲେ ଠକଙ୍କ କବଳରେ ପଡନ୍ତି ସଙ୍ଗେ ସଙ୍ଗେ ପୋଲିସକୁ ସୂଚନା ଦେବା ଦରକାର। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ ହେବ । ଏସ୍‌ଆଇ ଅଶ୍ୱିନୀ ପ୍ରଧାନ, ଏସ୍‌ଆଇ ଉଦୟ ଚନ୍ଦ୍ର ପାଟିକା ଯୋଗଦେଇ ମୋ ଗାଁ ଅପରାଧମୁକ୍ତ, ଗୁଣି ଗାରେଡି, ନାରୀ ସୁରକ୍ଷା ଓ ନିଶା ନିବାରଣ ଉପରେ ଲୋକଙ୍କୁ ସଚେତନ କରିଥିଲେ ।

## କାଳିମେଳାରେ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର


ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

ମାଲକାନଗିରି,୩୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ କାଳିମେଳା ଓ ପଡ଼ିଆ ଶିକ୍ଷା ବ୍ଲକ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ପରିଦର୍ଶକ ଶରତ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଯଜ୍ଞବନ୍ଧୁ ଶତ୍ରୁଶଲ୍ୟ ସେବାର ମହତ୍ତ୍ୱକୁ ପ୍ରତିପାଦିତ କରିବା ସହିତ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବରାଡ଼ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତ୍ୱ କାହାକୁ କହିବା ଏବଂ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ଗୁରୁତ୍ୱକୁ ବୁଝାଇଥିଲେ। ସଭାରେ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ରଶ୍ମିରଞ୍ଜନ ଜେନା ସ୍ୱାଗତ ଭାଷଣ ଦେବା ସହ ରେଡ୍‌କ୍ରସ୍‌ର ସୃଷ୍ଟି ଓ ଜୁନିୟର ରେଡ୍‌କ୍ରସ୍‌ର ସୃଷ୍ଟି ସମ୍ପର୍କରେ କହିଥିଲେ। ସାଧନକର୍ମୀ ନିରଞ୍ଜନ ମହାରଣା ପ୍ରାଥମିକ ଭାବରେ ଶିକ୍ଷାଦେବା ସହିତ ଏହାର ପ୍ରୟୋଗାତ୍ମକ କୌଶଳକୁ ପ୍ରତିପାଦନ କରିଥିଲେ। ସାଧନା କର୍ମୀ ମାର୍କଣ୍ଡ ଚରଣ ଦାସ ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ କ'ଣ ଓ ତା'ର ଗୁରୁତ୍ୱ ଉପରେ ବୁଝାଇଥିଲେ। ଏଥିରେ ୩୩ ଜଣ ପ୍ରଶିକ୍ଷକ ଭାଗ ନେଇଥିଲେ।

## ଆମ ପୋଲିସ ସମିତିର ଜନ ସଚେତନତା କାର୍ଯ୍ୟକ୍ରମ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

କୋରୁକୋଣ୍ଡା,୩୦।୯(ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପଞ୍ଚାୟତ କାର୍ଯ୍ୟାଳୟ ବୈଠକ ଗୃହରେ ଶନିବାର ମାଲକାନଗିରି ସଦର ଥାନା କୋରୁକୋଣ୍ଡା ପକ୍ଷରୁ ଆମ ପୋଲିସ ସମିତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡ଼ି ଯୋଗଦେଇଥିଲେ। ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ସତ୍ୟ ପାଣିଗ୍ରାହୀ, କୋରୁକୋଣ୍ଡା ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ସାବତ, ମାଲକାନଗିରି ଅବକାରୀ ଏଆଇସି ଦୀନେଶ କୁମାର ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବିରୋଧ କରିବା ସହ ଗଞ୍ଜେଇ ଚାଷକୁ ବନ୍ଦ କରି ଅନ୍ୟାନ୍ୟ ଖାଦ୍ୟଶସ୍ୟ ଚାଷକୁ ଆପଣାଇବା। ସାରା ଦେଶରେ ଯେପରି ଭାବେ ସାଇବର ଲୁଟେରାମାନ ମାଡିଛନ୍ତି ସେହିସବୁ ସାଇବର ଠକମାନଙ୍କଠାରୁ କିପରି ବର୍ତ୍ତିବା, ଦେଶୀ ମଦ ରନ୍ଧନ ବନ୍ଦ କରିବା, ଜୁଆଖେଳକୁ ବାରଣ କରିବା, ମଦ୍ୟପାନ କରି ଯାନବାହନ ନ ଚଳାଇବା ଏବଂ ସର୍ବଦା ହେଲ୍‌ମେଟ ପିନ୍ଧି ଦୁଇଚକିଆ ଯାନ ଚଳାଇବା ଏବଂ ପୋଲିସକୁ ଭୟ ନ କରି ସଦାସର୍ବଦା ଜନସାଧାରଣଙ୍କ ନିମନ୍ତେ ଉପସ୍ଥିତ ରହି ଅପରାଧ ମୂଳପୋଛ କରିବା ବୋଲି ବୈଠକରେ ଆଲୋଚନା ହୋଇଥିଲା। ସଚେତନତା କାର୍ଯ୍ୟକ୍ରମରେ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବହୁ ପଞ୍ଚାୟତରୁ ସରପଞ୍ଚ, ନାଏବ ସରପଞ୍ଚଙ୍କ ସମେତ ବହୁ ଜନସାଧାରଣ ଏବଂ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲିମେଳା ଡାକଘର ତରଫରୁ ଅମୃତ କଳସ ଯାତ୍ରା



ଅମୃତ କଳସ ଶୋଭାଯାତ୍ରା ।

ବାଲିମେଳା,୩୦।୯(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଏନ୍‌ଏସି ଅନ୍ତର୍ଗତ ବାଲିମେଳା ଉପଡାକଘର ତରଫରୁ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡାକ ଘରର ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ଅମୃତ କଳସ ଧରି ଭାରତ ମାତା କି ଜୟ ଗାନ କରି ବାଲିମେଳା ଡାକଘରୁ ବାହାରି ସହରର ସମସ୍ତ ୱାର୍ଡ ପରିଭ୍ରମଣ କରିଥିଲା। ଦେଶ ପାଇଁ ବଳିଦାନ କରିଥିବା ଦେଶଭକ୍ତଙ୍କ ଉଦ୍ଦେଶ୍ୟରେ ଏହି ଅମୃତ କଳସ ଯାତ୍ରାରେ ପ୍ରାୟ ଶତାଧିକ ସାଧାରଣ ଜନତା ମାଟି ଦାନ କରିବାର ଦେଖିବାକୁ ମିଳିଥିଲା। ଏଥିସହ ଓର୍କେଲ ଥାନା ଓ ସୀମା ସୁରକ୍ଷା ବାହିନୀ କ୍ୟାମ୍ପରୁ ମଧ୍ୟ ମାଟି ସଂଗ୍ରହକରି ଅମୃତ କଳସରେ ରଖାଯାଇଥିଲା। କାର୍ଯ୍ୟକ୍ରମରେ ଉପ ଡାକପାଳ ବିଦ୍ୟୁତ୍‌କାନ୍ତି ଘୋଷ, ଡାକ ସହାୟକ ପଙ୍କଜ ମୀନା, ଜିତେନ୍ଦ୍ର କୁମାର ପାତ୍ର ,ବିକାଶ ଘୋସାଲ, ଏ. ଶିବା ରାଓଙ୍କ ସମେତ ସମସ୍ତ ଡାକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅମୃତ କଳସକୁ ଆଗାମୀ ଦିନରେ ଡାକ ଯୋଗେ ଦିଲ୍ଲୀ ପଠାଇବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ


ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ।

ଚିତ୍ରକୋଣ୍ଡା, ୩୦।୯(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଚିତ୍ରକୋଣ୍ଡା କାର୍ଯ୍ୟାଳୟରେ ଶନିବାର ଅଧ୍ୟକ୍ଷ ମହେନ୍ଦ୍ରନାଥ ସେଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାକାର୍ଯ୍ୟ ଆରମ୍ଭରୁ ଗୁରୁ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଯୋଗେଶ୍ୱର ଘୋଷ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା ତଥା ସଭାପତିତ୍ୱ କରିଥିଲେ। ଉପସ୍ଥିତ ଗୁରୁ, ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଧ୍ୟକ୍ଷଙ୍କୁ ନେଇ ରଖିଥିବା ଅଭିଜ୍ଞତା ବ୍ୟକ୍ତ କରିବା ସମେତ ଅତିଥି ତଥା ଅନୁଷ୍ଠାନ ଶିକ୍ଷକ ପ୍ରଶିକ୍ଷକଙ୍କ ଦ୍ୱାରା ୩୦ ଡିସେମ୍ବର ୨୦୨୧ରେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସେଠୀଙ୍କ ଦ୍ୱାରା ସୁଚାରୁ ରୂପେ ସମ୍ପାଦନ କରିଥିବା ଦାୟିତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ତେବେ ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ନୃସିଂହ ପାଣିଗ୍ରାହୀ, ସମ୍ମାନିତ ଅତିଥି କୋରାପୁଟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପ୍ରଧାନ, ଶିକ୍ଷକ ପ୍ରଶିକ୍ଷକ ଲଳିନ୍ଦ୍ର ମୋହନ ମାରାଣ୍ଡି, କନିଷ୍ଠ କିରାଣି ମୁଦୁଲି ତଥା ଚିତ୍ରକୋଣ୍ଡା ୫-ଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ।

# ଶୌର୍ଯ୍ୟ ଜାଗରଣ ରଥକୁ ସ୍ୱାଗତ

କୁଡୁମୁଲୁଗୁମ୍ମା,୩୦।୯(ସୁଜିତ ପଟ୍ଟନାୟକ )

କୁଡୁମୁଲୁଗୁମ୍ମା ନିକଟସ୍ଥ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିକ୍ରମା କରୁଥିବା 'ଶୌର୍ଯ୍ୟ ଜାଗରଣ ରଥ'କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ରଥଟି ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟିରୁ ବାହାରି ମାଲକାନଗିରି ଜିଲା ପରିକ୍ରମା ପରେ ଓଡ଼ିଶାର ବିଭିନ୍ନ ଜିଲାକୁ ପରିକ୍ରମା କରିବ। ଏଥିରେ ମାଲକାନଗିରି ମାଟିର ଜୟଗାଥା ଓ ବୀର ଶହୀଦମାନଙ୍କ ପରାକ୍ରମ ଓ ବୀରତ୍ୱ ବିଷୟରେ ପ୍ରଚାର ପ୍ରସାର କରାଯାଉଛି। ଏହି ଅଭିଯାନରେ ଶୌର୍ଯ୍ୟ ରଥ ପରିଚାଳନାରେ ସନ୍ଥ ଶ୍ୟାମାନନ୍ଦ ମହାରାଜ, ବାବା ମଧୁସୂଦନ ଓ ସ୍ୱାମୀ ବିଶ୍ୱାମିତ୍ରାନନ୍ଦ ଗିରିଙ୍କୁ ସିରିପେଟା ଦୟଣା କ୍ଷେତ୍ରର ସଦସ୍ୟ, ପଖନାଗୁଡ଼ା ରାଧାକୃଷ୍ଣ ମନ୍ଦିର ସଦସ୍ୟ, କୁଡୁମୁଲୁଗୁମ୍ମା ବୁଦ୍ଧିଜୀବୀ ମହଲ, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଥିରେ ସମସ୍ତ ସାଧୁସନ୍ଥ ମାଥିଲି ବ୍ଲକରେ ଇଂରେଜମାନଙ୍କ ଦ୍ୱାରା କରାଯାଇଥିବା ଗୁଳିକାଣ୍ଡରେ ଶହୀଦ ହୋଇଥିବା ସ୍ୱର୍ଗତ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

ଶେଷରେ ଏହି ଅଞ୍ଚଳରେ ଜଣେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରାମାୟା ମହୁରିଆଙ୍କ ନାତି ମହେଶ୍ୱର ଧାଙ୍ଗଡ଼ାମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରଥକୁ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଦାୟ ଦିଆଯାଇଥିଲା। ରଥ ଖଇରପୁଟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଅଭିଯାନରେ ପୂଜକ ବିଜୟାନନ୍ଦ ପଣ୍ଡା, ଗୋପୀନାଥ ଦାସ, ସାମାଜିକ କର୍ମୀ ଯୁଗଳ କିଶୋର ସ୍ୱାଇଁ, ଅଶୋକ କୁମାର ପରିଡ଼ା, ଅଜୟ ପଟ୍ଟନାୟକ, ରମେଶ ଚନ୍ଦ୍ର ନେଲୁର, ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା, ବିଦ୍ୟାଧର ସାହାଣୀ, ଅଶୋକ ଆଢ୍ୟ, ସନ୍ତୋଷ କୁମାର ସ୍ୱାଇଁ, କଣ୍ଟେଶ୍ୱର ମାଝି, ଗୁପ୍ତେଶ୍ୱର ପଟ୍ଟନାୟକ, ସୁଶାନ୍ତ କୁମାର ରଥ, ସନ୍ତୋଷ କୁମାର ମହାନ୍ତି, ବେଣୁଧର ଦାସ, ଭଗବାନ ଡାକୁଆ ଓ ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିଥିଲେ ।

# ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କାଳିମେଳା, ୩୦।୯(ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ଅଞ୍ଚଳରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ପ୍ରତ୍ୟେକ ଗାଁରେ ପ୍ରତି ଦେବଦେବୀ ଶକ୍ତିପୀଠ ଓ ଶହୀଦ ଯବାନ ଦେଶର ଗୌରବମୟ ଇତିହାସକୁ ସଂରକ୍ଷଣ କରିବା ପାଇଁ ଦିଲ୍ଲୀର ନବନିର୍ମିତ ପାର୍ଲାମେଣ୍ଟ ଭବନ ପରିସର ଅମୃତବାଟିକାରେ ଭାରତର ବିଭିନ୍ନ ସ୍ଥାନରୁ ଆସୁଥିବା ମାଟିକୁ ଅମୃତବାଟିକା ନିର୍ମାଣ କରାଯାଇ ଦେଶ ବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ। ଏହି ପରିପେକ୍ଷୀରେ ମାଲକାନଗିରି ଜିଲା



କାଳିମେଳାରେ ବାହାରିଥିବା ଅମୃତ କଳସ ଯାତ୍ରା ।

କାଳିମେଳା ବ୍ଲକ୍ ସଦରରେ ଡାକ ବିଭାଗ ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଡାକ ବିଭାଗର ସବ୍ ଡିଭିଜିନାଲ ପୋଷ୍ଟାଲ ଇନ୍‌ସପେକ୍ଟର ମାଲକାନଗିରି ରାଜିବେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଷ୍ଟ ମାଷ୍ଟର ଡି.ଏନ୍.ସେଠୀ, ଅରୁଣ କୁମାର ସାହୁ ଡାକ ସହାୟକଙ୍କ ସମେତ କାଳିମେଳା ର ବ୍ରାଞ୍ଚର ଗ୍ରାମୀଣ ଡାକ ବିଭାଗ କର୍ମଚାରୀମାନେ କାଳିମେଳା, ଭେଙ୍କଟାପଲମ୍,ମାରନପଲ୍ଲୀ, ଗିରିକୋନପାଲ୍ଲୀ,ଉଣ୍ଡୁକୋଣ୍ଡା, ତେଲରାଇ, ଟିଗଲ ଓ ନାଲାଗୁଣ୍ଟି ଇତ୍ୟାଦି ସ୍ଥାନରୁ ଅମୃତ ମାଟି,ଶସ୍ୟ ସଂଗ୍ରହକରି ଜିଲା ସଦର ମହକୁମାକୁ ପଠାଯାଇଛି। ଏହି ଅବସରରେ ସମସ୍ତ ଡାକ କର୍ମଚାରୀଙ୍କୁ ଶପଥ ପାଠ କରାଯାଇଥିଲା।

# ବିଏଲ୍‌ପୁର ଏଫସି ୨-୧ ଗୋଲରେ ବିଜୟୀ

## ମା' ମାଉଳି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ମାଲକାନଗିରି, ୩୦।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ପୋନାରଗୁଡ଼ା ଗ୍ରାମରେ ଶନିବାର ମା' ମାଉଳି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଜିଲା ପରିଷଦ ସଭ୍ୟ ମୁକା ମାଡକାମି, ବରିଷ୍ଠ ଆଇନଜୀବୀ ଦୁର୍ଗା ତ୍ରିପାଠୀ, ବିଶିଷ୍ଟ ବ୍ୟକ୍ତି ଡି. ଭେଙ୍କଟ ରାଓ ଏବଂ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର ଅତିଥି ଭାବେ


ଖେଳାଳିଙ୍କ ସହ ଅତିଥିମାନେ ।

ଯୋଗଦେଇଥିଲେ। ପୁନାରଗୁଡ଼ା ଟୁର୍ଣ୍ଣାମେଣ୍ଟ କମିଟି ଅତିଥିମାନଙ୍କୁ ଏକ ପଟୁଆରରେ ଖେଳ ପଡିଆକୁ ନେଇଥିଲେ। ଏଥିରେ ମୋଟ ୮ ଦଳ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ଏମ୍‌ଭି ୨ ମାରାଙ୍ଗବୁରୁ ସହ ବିଏଲ୍‌ପୁର ଏଫସି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ବିଏଲ୍‌ପୁର ଏଫସି ୨-୧ ଗୋଲରେ ବିଜୟୀ ହୋଇଥିଲା। ଖେଳ ରିଫେରି ସତବୀର ସିଂ ପରିଚାଳନା କରିଥିଲେ। ପ୍ରତିଯୋଗିତା ଦେଖିବା ପାଇଁ ଆଖପାଖ ଅଞ୍ଚଳର ୫ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ଥିଲେ।

